**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**11 August– 2026**

# ଖରିଫ ଋତୁ-ଧାନ କ୍ରୟ

ରାଜ୍ୟରେ ଆଗ୍ରିଷ୍ଟାକ୍ ପଞ୍ଜିକରଣକୁ ନେଇ ଚାଷୀ ଓ ସରକାରଙ୍କ ମଧ୍ୟରେ ଦେଖାଦେଇଥିବା ସମସ୍ୟା ଦୂର ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନରେ ହୋଇଥିବା ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଖରିଫ ମାର୍କେଟିଂ ଋତୁ ପାଇଁ ଧାନସଂଗ୍ରହ ଓ ଚାଷୀ ପଞ୍ଜିକରଣ ସଂକ୍ରାନ୍ତ ଆଲୋଚନାରୁ ମିଳିଥିବା ସୂଚନା ଅନୁସାରେ ଅକ୍ଟୋବର ମାସ ପର୍ଯ୍ୟନ୍ତ ଆଗ୍ରିଷ୍ଟାକ୍ ପଞ୍ଜିକରଣ ଚାଲିବ । ବର୍ତ୍ତମାନସୁଦ୍ଧା ୯୪ହଜାର ୬୫୭ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି ।

ଖରିଫ ଋତୁରେ ଧାନ ବିକ୍ରୟ ଲାଗି ପଞ୍ଜିକରଣ ନିମନ୍ତେ ଆଗ୍ରିଷ୍ଟାକ୍ ବା କୃଷକ ରେଜଷ୍ଟ୍ରି ସଂଖ୍ୟା ବାଧ୍ୟତାମୂଳକ ନୁହେଁ ବୋଲି ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଆଗ୍ରିଷ୍ଟାକ୍ ଯୋଗୁଁ କୌଣସି ଚାଷୀ ପଞ୍ଜିକରଣରୁ ବାଦ୍ ପଡିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କୃଷକମାନଙ୍କର ପଞ୍ଜିକରଣ କରାଯାଇ ଟୋକନ ପ୍ରଦାନ କରାଯିବ ଏବଂ ଭାଗ ଚାଷୀମାନଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ଆପ୍ ଜରିଆରେ

ଜମିମାଲିକମାନେ ସମ୍ମତି ପ୍ରଦାନ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

# ରାଜ୍ୟପାଳ-ଯୁବ ସମ୍ମିଳନୀ

ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନେବାକୁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଯୁବପିଢ଼ୀଙ୍କୁ ଆହ୍ୱାନ ଦେଇଛନ୍ତି । ଗତକାଲି ଜଟଣୀସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଅନୁଷ୍ଠିତ ଓଡ଼ିଶା ଯୁବ ସମ୍ମିଳନୀକୁ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି ଯୁବପିଢ଼ୀଙ୍କ ଶକ୍ତି ଓ ସୃଜନଶୀଳତାକୁ ସକରାତ୍ମକ କାର୍ଯ୍ୟରେ ବିନିଯୋଗ କରାଯାଇପାରିଲେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇ ପାରିବ ।

# ମୁଖ୍ୟମନ୍ତ୍ରୀ-ବୈଠକ

ରାଜ୍ୟକୁ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ବୈଠକରେ କୃଷି, ଶିଳ୍ପ, ଜଳସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟଉନ୍ନୟନ ସମେତ ପ୍ରାୟ ୧୨ଟି ପ୍ରସ୍ତାବ ଉପରେ ଆଲୋଚନା ହେବାର ସମ୍ଭାବନ ଅଛି ।

# ଗାଡ଼ି ବୀମା ନଥିଲେ କାର୍ଯ୍ୟାନୁଷ୍ଠାନ

ବୀମା ନଥିବା ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପରିବହନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଇ-ଡିଟେକ୍ସନ ମାଧ୍ୟମରେ ରାଜ୍ୟର ସମସ୍ତ ଟୋଲ୍‌ଗେଟ ଦେଇ ଯାତାୟାତ କରୁଥିବା ଯାନବାହନର ବୀମା, ଫିଟ୍‌ନେସ ଏବଂ ପ୍ରଦୂଷଣ ପ୍ରମାଣପତ୍ରର ସ୍ୱୟଂକ୍ରିୟ ପଦ୍ଧତିରେ ଯାଞ୍ଚ କରାଯିବ । ବୈଧ କାଗଜପତ୍ର ନଥିଲେ ଇ-ଚାଲାଣ ଜାରି କରାଯିବ । ସୂଚନା ଅନୁଯାୟୀ ରାଜ୍ୟରେ ୧ କୋଟି ୧ଲକ୍ଷ ୪୧ହଜାର ୯୫୧ଟି ଯାନବାହନ ମଧ୍ୟରୁ ୩୫ଲକ୍ଷ ୬୮ହଜାର ୩୧୮ଟି ଗାଡ଼ିର ବୈଧ ବୀମା ରହିଥିବା ଜଣାପଡିଛି । ଯାହାକି ପ୍ରାୟ ୬୫ପ୍ରତିଶତ ଗାଡ଼ିର ବୀମା ନଥିବା ଜଣାପଡିଛି ।

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ ପକ୍ଷରୁ ଦ୍ୱିତୀୟ ଥାନା ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ପୁଲିସ ସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ଆଇନ୍‌ଶୃଙ୍ଖଳା ପରିସ୍ଥିତି ପରିଚାଳନା, ଜନକୈନ୍ଦ୍ରିକ ପୁଲିସ ବ୍ୟବସ୍ଥା ଏବଂ ଥାନାର କାର୍ଯ୍ୟ ସୁଚାରୁରୂପେ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ପୁଲିସ ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି କରି ସେବା

ପ୍ରଦାନ କ୍ଷେତ୍ରରେ ଜନସାଧାରଣଙ୍କ ପ୍ରତି ଦାୟିତ୍ୱବୋଧ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

## ହର୍ ଘର ତିରଙ୍ଗା

ନୟାଗଡ ଜିଲ୍ଲାରେ ହର୍ ଘର୍ ତିରଙ୍ଗା ଅଭିଯାନ ଅଧୀନରେ ଆଜି ବିଶାଳ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ ହେଉଛି । ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଦୁର୍ଗାପ୍ରସାଦ ଖେଳପଡ଼ିଆ ପର୍ଯ୍ୟନ୍ତ ଯିବ । ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ମିଶନଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହେବେ ।

## ସାଇବର ସଚେତନତା

ସୁବର୍ଣ୍ଣପୁର ପୁଲିସ ପକ୍ଷରୁ ସାଇବର ଅପରାଧ ଓ ଅନ୍‌ଲାଇନ୍ ଠକେଇ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁଲିସ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନ୍ ଠକେଇରୁ ସୁରକ୍ଷା ପାଇବା ନିମନ୍ତେ ବିଭିନ୍ନ ଉପାୟ ସମ୍ପର୍କରେ ବିସ୍ତୃତଭାବେ ସୂଚନା ପ୍ରଦାନ କରିଥିଲେ ।

# ସ୍ୱଚ୍ଛତା ଅଭିଯାନ

ନୟାଗଡ ଜିଲ୍ଲା କଣ୍ଟିଲୋସ୍ଥିତ ନୀଳମାଧବ ପୀଠର ପଶ୍ଚିମଦ୍ୱାର ପରିସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତାକାଲିସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଘୂର୍ଣ୍ଣିବଳୟ ପ୍ରଭାବାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟତଃ ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଏହିସମୟ ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରରେ ଆଜି ସକାଳ ୬ଟା ସୁଦ୍ଧା ଜଳସ୍ତର ୬୧୩ ଦଶମିକ ୮/୯ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୩୧ହଜାର ୬୧୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ

୧ ୨ଟି ଗେଟ୍ ଏବଂ ପାଓ୍ୱାର ଚ୍ୟାନେଲ ମଧ୍ଯ ଦେଇ ସେହି ସମୟ ମଧ୍ଯରେ ୨ଲକ୍ଷ ୧୫ହଜାର ୫୬୪ ଘନଫୁଟ ଜଳ ନିଷ୍କାସିତ ହେଉଛି ।